# ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ ,ଦାରିଙ୍ଗବାଡି

**ବିଜ୍ଞାପନ ସଂଖ୍ୟା. ୧୦୫୦ /ତା ୧୨.୦୮.୨୦୨୬**

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସମନ୍ୱିତ ଶିଶୁବିକାଶ ଯୋଜନା ପ୍ରକଳ୍ପ, ଦାରିଙ୍ଗବାଡି ଅଧିନସ୍ଥ କୁନ୍ଦୁପାଙ୍ଗା ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ (AWW) ପଦବୀ ପୂରଣପାଇଁ ,ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର , ଭୁବନେଶ୍ୱରଙ୍କ ଅଙ୍ଗନୱାଡି କର୍ମୀ /ସହାୟିକା ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା ୪୯୭୦ ତା.୧୫.୦୩.୨୦୨୩ ,ସଂଖ୍ୟା ୫୫୬୪ ତା.୦୭.୦୩.୨୦୨୪,ସଂଖ୍ୟା୧୫୦୧୫ ତା୧୫.୦୭.୨୦୨୪ଏବଂ ସଂଖ୍ୟା ୧୩୪୭୯ ତା ୦୩.୦୬.୨୦୨୫ରିଖ ପ୍ରକାରେ ସମ୍ପୃକ୍ତ ଅଞ୍ଚଳର କେବଳ ଅନୁସୂଚିତ ଜନ ଜାତି (ST) ମହିଳା (Female) ପ୍ରାର୍ଥିନୀ ମାନଙ୍କ ଠାରୁ Online ଜରିଆରେ ଅଙ୍ଗନୱାଡି କର୍ମୀ (AWW) ପଦବୀ ପୂରଣ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଚ୍ଛୁକ ଅନୁସୂଚିତ ଜନ ଜାତି (ST) ମହିଳା ପ୍ରାର୍ଥିନୀ ମାନେ ଅଙ୍ଗନୱାଡି କର୍ମୀ (AWW) ପଦବୀ ନିମନ୍ତେ ନିର୍ଦ୍ଧାରିତ online (http://engagement-awc.odisha. gov. in/ landing ୱେବ ସାଇଡ ମାଧ୍ୟମରେ (public login କରି) ନିମ୍ନ ସ୍ୱାକ୍ଷରକାରୀଙ୍କୁ ତା ୧୪.୦୮.୨୦୨୬ ରିଖ ଠାରୁ ୨୮.୦୮.୨୦୨୬ ରିଖ ମଧ୍ୟରେ ଆବେଦନ କରିପାରିବେ । ଏହି ପଦବି ପାଇଁ online ଆବେଦନ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

| କ୍ରଂ ନଂ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ ଅଞ୍ଚଳ | ସଂରକ୍ଷିତ ପାର୍ଥୀ | କେନ୍ଦ୍ରାଞ୍ଚଳର ଜାତିଭିତିକ ଜନସଂଖ୍ୟା (କେନ୍ଦ୍ରର ସର୍ଭେ ପ୍ରକାରେ )ST= , SC= , OBC= |
|---|---|---|---|---|---|
| ୧ | ଗୁମିକିଆ | କୁନ୍ଦୁପାଙ୍ଗା | କୁନ୍ଦୁପାଙ୍ଗା<br>ପାଟାମାହା<br>ଶିର୍ଶୀପାଙ୍ଗା | ଅନୁସୂଚିତ ଜନ ଜାତି (ST) | ଏସ୍‌ଟି= , ୩୪୬<br>ଏସ୍‌ସି= ୧୮୫<br>ଅନ୍ୟାନ୍ୟ =୦୫ |

ଯୋଗ୍ୟତା :

୧ ପ୍ରାର୍ଥିନୀ ଆବେଦନ କରୁଥିବା କେନ୍ଦ୍ରାଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୨ ପ୍ରାର୍ଥିନୀ ଙ୍କ ବୟସ ୦୧.୦୧.୨୦୨୬ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ ।

୩. ପ୍ରାର୍ଥିନୀ ଅନ୍ୟୁନ ଦ୍ୱାଦଶ (+୨) ପାସ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

୪. ପ୍ରାର୍ଥିନୀ ଓଡ଼ିଆ ମାତୃଭାଷା ଜାଣିଥିବାବାଧ୍ୟତାମୂଳକ ।

୫. ପ୍ରାର୍ଥିନୀ ମଧ୍ୟମ ବିଦ୍ୟାଳୟରେ (୭ମ) ଶ୍ରେଣୀ ରେ ଓଡିଆ ଭାଷାରେ ପାସ କରିଥିବା ଆବଶ୍ୟକ ।

କିମ୍ବା

ଉଚ୍ଚ ବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଓଡିଆ ମାଧ୍ୟମ ଥାଇ ଅଣଭାଷା ପରୀକ୍ଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ଓଡିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଅଷ୍ଟମ ଶ୍ରେଣୀରେ ଓଡିଆ ଭାଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଓଡିଆ ଭାଷାରେ ପାସ ହୋଇଥିବା ଆବଶ୍ୟକ ।

<u>ଆବଶ୍ୟକ ପ୍ରମାଣ ପତ୍ର :</u>

୧ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ସହି ନକଲ ।(ସମ୍ପୃକ୍ତ ତହସିଲଦାର ଙ୍କ ପ୍ରାପ୍ତ ହୋଇଥିବା ଆବଶ୍ୟକ ) ।

୨. ଜାତିଗତ ପ୍ରମାଣ ପତ୍ର ସହି ନକଲ । (ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ) ।

୩. ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଓ ମାର୍କସିଟର ସହି ନକଲ ।

୪. ବିଧବା ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ରର ସହି ନକଲ ।

୫. ନିର୍ଯାତିତା ଓ ଅନାଥଙ୍କ କ୍ଷେତ୍ରରେ ପଞ୍ଜୀକରଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ର ସହି ନକଲ ।

୬. ଭିନ୍ନକ୍ଷମ ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଭିନ୍ନକ୍ଷମ ପ୍ରମାଣପତ୍ରର ସହି ନକଲ ।

୭ ପରିଚୟ ପ୍ରମାଣପତ୍ର (Voter ID /Aadhar Card /Pan Card )ର ସହି ନକଲ ।

୮ ପ୍ରାର୍ଥିନୀ ନିଜସ୍ୱ ଘୋଷଣାନାମା ପତ୍ର, ସମନ୍ୱିତ ଶିଶୁବିକାଶ ଯୋଜୋନା ପ୍ରକଳ୍ପ କାର୍ଯ୍ୟାଳୟ , ଦାରିଙ୍ଗବାଡି ରୁ ସଂଗ୍ରହ କରି ପ୍ରମାଣ ପତ୍ରଯାଞ୍ଚ ଦିନ ଦାଖଲ କରିବେ ।

୯. ପ୍ରାର୍ଥିନୀ ଅଙ୍ଗନୱାଡ଼ିକର୍ମୀଙ୍କ ଠାରୁ କେନ୍ଦ୍ରାଞ୍ଚଳ ବାସିନ୍ଦା ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ।

ଦରଖାସ୍ତକାରିଣୀ online ରେ ଦାଖଲ କରିଥିବା ପ୍ରମାଣ ପତ୍ରର ମୂଳ ପ୍ରମାଣପତ୍ର ଗୁଡିକ ଯାଞ୍ଚ ପାଇଁ ତା ୨୯.୦୮.୨୦୨୬ ରିଖ ଦିନ ପୂର୍ବାହ୍ନ ୧୦.୩୦ ଘଟିକାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ଦାରିଙ୍ଗବାଡିଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ।

ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

**ବିଂ ଦ୍ର. : ଚୟନ ପୂର୍ବରୁ, ମହିଳା ଓ ଶିଶୁବିକାଶ ବିଭାଗ , ଓଡିଶା ସରକାର ଭୁବନେଶ୍ୱର ଙ୍କ ଦ୍ୱାରା ପ୍ରଣିତ ନୂତନ ନିୟମ ଅତ୍ର କାର୍ଯ୍ୟାଳୟରେ ହସ୍ତଗତ ହେଲେ ଉପଯୁକ୍ତ କର୍ମୀ (AWW) ଚୟନ ପାଇଁ ତାହା ମଧ ବ୍ୟବହାର କରାଯିବ ।**

12/08/2026
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
ଦାରିଙ୍ଗବାଡି

**ପରିପତ୍ର ସଂଖ୍ୟା ୧୦୫୧ ତାରିଖ ୧୨.୦୮.୨୦୨୬**

ଏହାର ପାଞ୍ଚକିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା କି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ବିଜ୍ଞାପନ ଫଳକ/ ସମ୍ପୃକ୍ତ ଗ୍ରାମର ସୁପ୍ରକଟ ସ୍ଥାନ (conspicuous place)/ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଗାଇବେ ଓ ପ୍ରମାଣ ସ୍ୱରୂପ ହସ୍ତାକ୍ଷର ସମ୍ବଳିତ ଚତୁର୍ଥ ନକଲଟି କାର୍ଯ୍ୟାଳୟକୁ ଫେରସ୍ତ କରିବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ /ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଦାରିଙ୍ଗବାଡି/ ଗୋଷ୍ଠୀ ଶିକ୍ଷା ଅଧିକାରୀ , ଦାରିଙ୍ଗବାଡି/ ଗୋଃଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ. ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଦାରିଙ୍ଗବାଡି/ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ (A.N.M) ଙ୍କ ଅବଗତି ତଥା ସର୍ବ ସଧାରଣ ଙ୍କ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

12/08/2026
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
ଦାରିଙ୍ଗବାଡି

**ପରିପତ୍ର ସଂଖ୍ୟା ୧୦୫୨ ତାରିଖ ୧୨.୦୮.୨୦୨୬**

ଏହାର ଏକକିତା ନକଲ ଉପ –ଜିଲ୍ଲାପାଳ , ବାଲିଗୁଡା /ଜିଲ୍ଲା-ସମାଜ ମଙ୍ଗଳ ଅଧିକାରୀ ,କନ୍ଧମାଳ,ଫୁଲବାଣୀ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

12/08/2026
ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
ଦାରିଙ୍ଗବାଡି